# ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

(ଦେବୋତ୍ତର ବିଭାଗ)

ବିଜ୍ଞାପନ ସଂଖ୍ୟା ୧୨୪/ ତାରିଖ ୧୨-୦୧-୨୦୨୬

## ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧିନସ୍ଥ ନିମ୍ନଲିଖିତ କାଜୁ ବଗାୟତକୁ ନିଲାମ ଦିଆଯିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଦିଆ ଟେଣ୍ଡର ଆହ୍ଵାନ କରାଯାଉଅଛି। ଆଗ୍ରହୀ ବ୍ୟକ୍ତିମାନେ ତା.୧୬.୦୧.୨୦୨୬ ରିଖ ଠାରୁ ତା.୩୦.୦୧.୨୦୨୬ ରିଖ ଦିବା ୧୧ଘଣ୍ଟା ମଧ୍ୟରେ ପ୍ରତି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଧାର୍ଯ୍ୟ ସମୟ ମଧ୍ୟରେ କାଜୁ ବଗାୟତ ଟେଣ୍ଡର ଜଉମୁଦ ଦେଇ ପକାଇବେ।

| କ୍ର.ନଂ | ସଇରାତର ନାମ | ପ୍ରାସଙ୍ଗିକ ମୂଲ୍ୟ(ଟଙ୍କା) | ଧାର୍ଯ୍ୟ ଅମାନତ (ଟଙ୍କା) | ନିଲାମ ଅବଧି | ଟେଣ୍ଡର କାଗଜ ପ୍ରତି ମୂଲ୍ୟ(ଟଙ୍କା) |
|---|---|---|---|---|---|
| ୦୧ | ମହୁଲଖୋଳି କାଜୁବଗାୟତ | ୪୯,୫୦,୦୦୦.୦୦ (ଅଣଚାଶ ଲକ୍ଷ ପଚାଶ ହଜାର ଟଙ୍କା) ମାତ୍ର | ୪.୯୫.୦୦୦.୦୦ (:ଚାରି ଲକ୍ଷ ପଞ୍ଚାନବେ ହଜାର ଟଙ୍କା) | ତା.୦୨.୦୨.୨୦୨୬ ରିଖ ଠାରୁ ତା ୩୦.୦୬.୨୦୩୦ ରିଖ ପର୍ଯ୍ୟନ୍ତ | ୫୦୦/- |

ନିର୍ଦ୍ଧାରିତ ତା.୩୦.୦୧.୨୦୨୬ ରିଖ ଦିନ ଯଦି କୌଣସି କାରଣରୁ ମହୁଲଖୋଳି କାଜୁ ବଗିଚାଟି ଟେଣ୍ଡର ମାଧ୍ୟମରେ ସିଦ୍ଧାନ୍ତ ହେବନାହିଁ, ସେଥି ନିମନ୍ତେ ପୁନର୍ବାର ଟେଣ୍ଡର ଦାଖଲ ପାଇଁ ପୂର୍ବୋକ୍ତ ଧାର୍ଯ୍ୟ ସ୍ଥାନ ଓ ସମୟରେ ତା.୦୬.୦୨.୨୦୨୬. ଓ ତା.୧୩.୦୨.୨୦୨୬ ରିଖକୁ ଧାର୍ଯ୍ୟ କରାଯାଇଛି। ଏଥି ନିମନ୍ତେ ପୁନଃ ବିଜ୍ଞାପନ ଦିଆଯିବ ନାହିଁ।

ଇଚ୍ଛୁକ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟରୁ ଧାର୍ଯ୍ୟ ଟେଣ୍ଡର ଫର୍ମ ସଂଗ୍ରହ କରି ଏବଂ ଫର୍ମ ପୂରଣ କରି ଧାର୍ଯ୍ୟ ଅମାନତ ଅର୍ଥ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳଙ୍କ ନାମରେ ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରି ଆଧାରର ନକଲ/ ବ୍ୟାଙ୍କ ପାସ ବୁକ୍‌ରେ ଫଟୋଥାଇ ପ୍ରଥମ ପୃଷ୍ଠାର ନକଲ ସଂଯୁକ୍ତ କରି କାଜୁ ବଗାୟତ ପାଇଁ ଟେଣ୍ଡର ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳ ଠାରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ। ଦାଖଲ ଦେଇଥିବା ସମସ୍ତ ଟେଣ୍ଡର ତା.୩୦.୦୧.୨୦୨୬ ରିଖ ଦିବା ୧୨ ଘଣ୍ଟା ସମୟରେ ଖୋଲାଯିବ। ଟେଣ୍ଡର ଦାଖଲକାରି ଟେଣ୍ଡର ଖୋଲାଯିବା ସମୟରେ ଉପସ୍ଥିତ ରହିବେ। ଉପରୋକ୍ତ ଟେଣ୍ଡର ସଂପର୍କୀୟ ସବିଶେଷ ବିବରଣୀ ଓ ଟେଣ୍ଡର ସର୍ତ୍ତାବଳୀ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ। ଟେଣ୍ଡର ସର୍ତ୍ତାବଳୀରେ ଟେଣ୍ଡର ଦାଖଲକାରୀ ସହମତ ବୋଲି ସ୍ଵାକ୍ଷରକରୀ ଟେଣ୍ଡର କାଗଜ ସହ ଜଉମୁଦ ଦେଇ ଟେଣ୍ଡର ବାକ୍ସରେ ଦାଖଲ ଦେବେ। କୌଣସି କାରଣ ନଦର୍ଶାଇ ଟେଣ୍ଡର ଖାରଜ/ନାକଚ କରିବାର କ୍ଷମତା ନିମ୍ନ ସ୍ଵାକ୍ଷରକାରୀଙ୍କ ରହିଛି। ସର୍ତ୍ତମୂଳକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ।

[signature]
୧୨-୦୧-୨୦୨୬
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା ୧୨୪/ତାରିଖ ୧୨-୦୧-୨୦୨୬

ଏହାର ପ୍ରତିଲିପି ସଂପାଦକ ଦୈନିକ ସମ୍ବାଦ ପତ୍ର "ସମାଜ" ଓ "ପ୍ରମେୟ"ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା କି ସେ ଉକ୍ତ ବିଜ୍ଞାପନଟିକୁ ଗୋଟିଏ ଦିନ ପ୍ରକାଶ କରିବେ। ପ୍ରକାଶନ ବ୍ୟୟ ଟ.୨୦,୦୦୦/- (କୋଡିଏ ହଜାର ଟଙ୍କା) ମାତ୍ର ମଧରେ ସୀମିତ ରଖିବାକୁ ଅନୁରୋଧ।

[signature]
୧୨-୦୧-୨୦୨୬
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

Scanned with OKEN Scanner

ପରିପତ୍ର ସଂଖ୍ୟା......୧୨୨....../ତାରିଖ......୧୩-୦୧-୨୦୨୨

ଏହାର ପ୍ରତିଲିପି ସରପଞ୍ଚ, ଦେଓଗାଁ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଁଦିଆ/ତହସିଲଦାର, ଗଁଦିଆ ଓ ଜିମାଦାର, କପିଳାସଙ୍କ ଅବଗତି ନିମନ୍ତେ ପଠାଯାଇ ଅନୁରୋଧ କରାଗଲା କି ସେମାନେ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ପାଇଁ ଲଗାଇବା ବ୍ୟବସ୍ଥା କରିବେ ।

ବିଦ୍ୟୁତ ପଟ୍ଟନାୟକ
୧୨-୦୧-୨୦୨୨

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା......୧୨୩....../ତାରିଖ......୧୩-୦୧-୨୦୨୨

ଏହାର ପ୍ରତିଲିପି ରାଷ୍ଟ୍ରିୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଏହି ବିଜ୍ଞାପନଟିକୁ ୱେବସାଇଡରେ ଛାଡି ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ବ୍ୟବସ୍ଥା କରାଇବେ ।

ବିଦ୍ୟୁତ ପଟ୍ଟନାୟକ
୧୨-୦୧-୨୦୨୨

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

Scanned with OKEN Scanner